ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୮ ଡିସେମ୍ବର, ୨୦୨୦

## ୯ରେ ଖୋଲିବ ଇକୋ ରିଟ୍ରିଟ୍

**ସମ୍ବଲପୁର, (ବ୍ୟୁରୋ):** ହୀରାକୁଦ ଜଳ ଭଣ୍ଡାର ପାର୍ଶ୍ୱରେ ଇକୋ ରିଟ୍ରିଟ୍ ଡିସେମ୍ବର ୮ ପରିବର୍ତ୍ତେ ୯ ତାରିଖରେ ଖୋଲିବାକୁ ସ୍ଥିର ହୋଇଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ ନିର୍ମାଣ କରାଯାଇଛି। ମାତ୍ର ୧୪ ଦିନରେ ଏହି ପ୍ରକଳ୍ପ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଛି। ୫ ହଜାର ଲିଟର ବିଶିଷ୍ଟ ୮ ଗୋଟି ଟାଙ୍କି ବ୍ୟବହାର କରି ୪୦ ହଜାର ଲିଟର ପାଣି ଗଚ୍ଛିତ ରଖାଯିବ। ୨୪ ଘଣ୍ଟିଆ ପ୍ରତ୍ୟେକ କଟେଜ୍‌କୁ ଜଳ ଯୋଗାଣ କରାଯିବ। ଡିସେମ୍ବର ୯ରୁ ଫେବୃୟାରୀ ପର୍ଯ୍ୟନ୍ତ ଏହି ସେବା ଯୋଗାଇଦିଆଯିବ ବୋଲି ନିର୍ବାହୀ ଯନ୍ତ୍ରୀ ବି.କେ. ରାଉତରାୟ ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ହୀରାକୁଦ ସମେତ ୫ ସ୍ଥାନରେ ଇକୋ ରିଟ୍ରିଟ୍ ଖୋଲାଯାଉଛି।



## ସଂକ୍ଷେପରେ

### ଏମ୍‌ସିଏଲ୍‌ରେ ନିଯୁକ୍ତି ଦାବି
## ଜିଲାପାଳଙ୍କୁ ଭେଟିଲେ ବିସ୍ଥାପିତ

**ସୁନ୍ଦରଗଡ଼, ୭।୧୨ (ଡି.ଏନ୍.ଏ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ମହାନଦୀ କୋଇଲା ଖଣି ଲିମିଟେଡ ଅଧୀନରେ ଝୁପୁରଙ୍ଗା ଗ୍ରାମର ବିସ୍ଥାପିତ ଲୋକଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୫୨୨ଜଣଙ୍କୁ ନିଯୁକ୍ତି ଦେବା ବଦଳରେ ମାତ୍ର ୨୪୯ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ସେମାନଙ୍କ ନାମ ଅନୁମୋଦନ ପାଇଁ ପଠାଯାଇଥିବା ନେଇ ବିସ୍ଥାପିତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିସ୍ଥାପିତଙ୍କ ପରିବାରରେ ଥିବା ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ଥଇଥାନ ଓ ପୁର୍ନବାସ ଆଇନ୍‌ରେ ଉଲ୍ଲେଖ ଥିବାବେଳେ ଏମ୍‌ସିଏଲ କର୍ତ୍ତୃପକ୍ଷ ଗୋଟିଏ ପରିବାରରୁ ମାତ୍ର ଜଣଙ୍କୁ ନିଯୁକ୍ତି ଦେବା ପାଇଁ ମସୁଧା କରୁଛନ୍ତି। ଫଳରେ ଏନେଇ ପରିବାର ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ଝୁପୁରୁଙ୍ଗା ବିସ୍ଥାପିତ ଏ ସମ୍ପର୍କରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ଦିଗରେ ଏମ୍‌ସିଏଲ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଏମ୍‌ସିଏଲ ବସୁନ୍ଧରା କୋଇଲା ଖଣି ଅଫିସ୍ ଆଗରେ ସପରିବାର ଗଣଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି।

## ପୂର୍ବତନ ସୈନିକ ସଂଘର ବାର୍ଷିକୋତ୍ସବ

**ବୌଦ୍ଧ,୭।୧୨(ସ୍ୱ.ପ୍ର.):** ବୌଦ୍ଧ ଜିଲା ପୂର୍ବତନ ସୈନିକ ସଂଘ ପକ୍ଷରୁ ସୋମବାର ସରସରାସ୍ଥିତ ଜିଲା କାର୍ଯ୍ୟାଳୟ ପରିସରରେ ପତାକା ଦିବସ ଅବସରରେ ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା। ସଭାପତି ବିଷ୍ଣୁ ଚରଣ ମହାକୁଡ, ଉପଦେଷ୍ଟା ସୁବେଦାର ଲଳିତ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ଆୟୋଜିତ ସଭାରେ ସମ୍ପାଦକ ରଞ୍ଜିତ କୁମାର ଅମାତ୍ ବିବରଣୀ ପାଠ କରିଥିଲେ। ପ୍ରବୀଣ କୁମାର ମଲିକ, ରାଜୀବ କୁମାର ପଣ୍ଡା, ପ୍ରସନ୍ନ କୁମାର ପ୍ରଧାନ, ତୁଫାନ ସାହୁ, କେଶବ ମାହାତ, ବିକାଶ ମାହାର, ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଖର୍ଚ୍ଚ ଦିଅ, ନ ହେଲେ ରଖାଇ ଦେବୁନି

### ଦାଦନ ଦୁଃଖ
■ଛତିଶଗଡ଼ ଶ୍ରମିକଙ୍କୁ ଧମକ

**ବିନିକା,୭।୧୨(ଡି.ଏନ୍.ଏ.)**

ଗତ ୩-୪ ମାସ ହେଲା ସୁଦୂର ଛତିଶଗଡର ଶ୍ରମିକମାନେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ବିଭିନ୍ନ ଅଞ୍ଚଳକୁ କାମଧନ୍ଦା ଅନ୍ୱେଷଣରେ ଆସି ଏଠାରେ ନିଜର ପରିବାର ସହ ରହୁଛନ୍ତି। କରୋନା ମହାମାରୀରେ ଜୀବିକା ହରାଇ ଥିବା ଏହି ଛତିଶଗଡି ଶ୍ରମିକମାନେ ବିନିକାର ବିଭିନ୍ନ ସ୍ଥାନରେ ମାଟି ଇଟା ଓ ଘର ତିଆରି ଆଦି କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡିଛି । ମାତ୍ର କେତେକ ସ୍ଥାନରେ ପ୍ରବାସୀ ଶ୍ରମିକଙ୍କୁ କେତେଜଣ ଖଳ ପ୍ରକୃତିର ଲୋକ ଆମ ଅଞ୍ଚଳକୁ ଆସି ଅର୍ଥ ରୋଜଗାର କରୁଛ ଆମକୁ ଖର୍ଚ୍ଚପାଣି ଦିଅ ନ ହେଲେ ତମକୁ ରଖାଇ ଦେବୁ ନାହିଁ ବୋଲି କହି ଧମକ ଦେଉଥିବା ଅଭିଯୋଗ ହେଉଛି । ବିନିକା ବ୍ଲକ ସାରଙ୍ଗପାଳି ଅଞ୍ଚଳରେ ଥିବା ଏକ ଇଟାଭାଟିରେ ନିୟୋଜିତ ଶ୍ରମିକମାନେ ଏଭଳି ଅଭିଯୋଗ କରିଛନ୍ତି। ବରଗଡ ଜିଲା ରେଶମ ଅଞ୍ଚଳର ଜଣେ ବ୍ୟକ୍ତି ଏଭଳି ଧମକ ଦେଉଥିବା ଶ୍ରମିକମାନେ ଜଣାଇଛନ୍ତି। ଅଭିଯୋଗକାରୀ ଶ୍ରମିକମାନେ ହେଲେ ଛତିଶଗଡ ଭଗତଦେଉରୀ ମହାସମୁନ୍ଦ ଜିଲା ଆର୍.ବି.ଚିପ୍ ଗ୍ରାମ ୱାର୍ଡ ନଂ-୧୯ର ସୁଶୀଳ ସିଦାର(୪୫) , ପୁନିତରାମ ସିଦାର(୩୫) ଓ କୃଷ୍ଣ କୁମାର ସିଦାର (୩୮)। ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କୁ ପଚାରିବାରେ ସାରଙ୍ଗପାଳିରେ ଇଟା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଛତିଶଗଡ ଶ୍ରମିକମାନେ ଲିଖିତ ଅଭିଯୋଗ କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ସାରଙ୍ଗପାଳି ଗ୍ରାମରେ ଇଟାଭାଟିରେ ନିୟୋଜିତ ଶ୍ରମିକମାନେ ।

## ବିନା କାମରେ ଟଙ୍କା ଆତ୍ମସାତ୍, ଜିଆର୍‌ଏସ୍ ବହିଷ୍କୃତ

### ପାଇଥିଲେ ଶ୍ରେଷ୍ଠ ଜିଆର୍‌ଏସ୍ ପୁରସ୍କାର

**ଲୋଇସିଂହା, ୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍) ଅଜିତ ସାହୁଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଚିଠି ସଂଖ୍ୟା ୩୮୩୯/ ତା ୪ ।୧୨।୨୦ରିଖ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସଂକ୍ରାନ୍ତରେ ଲୋଇସିଂହା ବିଡିଓ ଓ ହୀରାପୁର ସରପଞ୍ଚଙ୍କୁ ଜଣାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ହୀରାପୁର ପଞ୍ଚାୟତ ପକ୍ଷରୁ ହୀରାପୁରରୁ ପଥରିଆସର ରାସ୍ତା କାମ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହାତକୁ ନିଆଯାଇଥିଲା। ସୂଚନା ଫଳକ ମଧ୍ୟ ଲାଗିଥିଲା। ହେଲେ ବିନା କାମରେ ଶ୍ରମିକଙ୍କ ନାମରେ ଟଙ୍କା ଆତ୍ମସାତ୍ କରାଯାଇଥିବା ନେଇ ଗ୍ରାମବାସୀ ଗତ ଜୁଲାଇ ମାସରେ ବ୍ଲକ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ବ୍ଲକ ପ୍ରଶାସନ ତଦନ୍ତ କରାଯିବ ବୋଲି କହିଥିଲା। ୯ଦିନ ପରେ ମଧ କୌଣସି ତଦନ୍ତ କରା ନ ଯିବାରୁ ଗ୍ରାମବାସୀ ପଞ୍ଚାୟତ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୋଗ ପରେ ତାଙ୍କୁ ବାଦିବାହଲ ପଞ୍ଚାୟତକୁ ବଦଳି କରାଯାଇଥିଲା। ଏହାପରେ ଜିଆରଏସ୍ ସାହୁଙ୍କ ନାମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପତ୍ର ସଂଖ୍ୟା ୩୧୮୦/ତା୧୬।୧୦।୨୦ରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ହେଲେ ସେ ଏହାର କୌଣସି ଉତ୍ତର ଦେଇ ନ ଥିଲେ। ଫଳରେ ତାଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିବା ବିଡିଓ ରାମଚନ୍ଦ୍ର ଖାଡିଆ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବହିଷ୍କୃତ ଜିଆର୍‌ଏସ୍ ସାହୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଦକ୍ଷତା ଦେଖାଇଥିବାରୁ ଚଳିତ ବର୍ଷ ତାଙ୍କୁ ବ୍ଲକର ଶ୍ରେଷ୍ଠ ଜିଆରଏସ୍‌ଭାବେ ପୁରସ୍କୃତ କରାଯାଇଥିଲା।

## ୨୦ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ

**ବରଗଡ଼ ଅଫିସ୍, ୭।୧୨**

ମୃତ୍ତିକା ପରୀକ୍ଷା ଅନୁସାରେ ଫସଲ ଚୟନ ଏବଂ ଖାଦ୍ୟସାର ପ୍ରୟୋଗ ଆବଶ୍ୟକ। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଅନୁଷ୍ଠିତ ବିଶ୍ୱ ମୃତ୍ତିକା ଦିବସ ପାଳନ କାର୍ଯ୍ୟକ୍ରମରେ ଏହା କହିଛନ୍ତି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ। ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ। ଏହି ଅବସରରେ କୃଷି ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ବରଗଡ଼ର ମୁଖ୍ୟ ବୈଜ୍ଞାନିକ ନୃସିଂହ ଚରଣ ବାରିକ ସମନ୍ୱିତ ଖାଦ୍ୟସାର ପରିଚାଳନା ମାଧ୍ୟମରେ ବିଭିନ୍ନ ସବୁଜ ସାର, ଜୈବସାର, ଅଣୁସାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ସଭା ପରିଚାଳନା କରିଥିଲେ। ଫସଲ ପର୍ଯ୍ୟାୟ ପରିବର୍ତ୍ତନ ଏବଂ ସରକାରଙ୍କଠାରୁ ରିହାତି ମୂଲ୍ୟରେ ମିଳୁଥିବା ଜୈବସାର, ଅଣୁସାର, ସୁପର ଫସ୍‌ଫେଟ୍ ଆଦିର ପ୍ରୟୋଗ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ କରାଯାଇଥିଲା।

## ଭାଜପାର ପ୍ରଶିକ୍ଷଣବର୍ଗ ଓ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ସୁନ୍ଦରଗଡ଼, ୭।୧୨(ଡି.ଏନ୍.ଏ)**

ଟାଙ୍ଗରପାଳି ବ୍ଲକ ମଙ୍ଗସପୁରଠାରେ ଭାଜପାର ପ୍ରଶିକ୍ଷଣବର୍ଗ, କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ସଭାପତି ଉଦିତ ଖର୍ସେଲ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବେଣୀମାଧବ ପୃଷେଠ, ହରିହର ପଟେଲ, ବଳରାମ କିଷାନ, ଅସୀମ ପଟେଲ, ନବୀନ ପଟେଲ, ସୁମନ୍ତ କିଷାନ, ସୁରଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସିଂଦେଓଙ୍କ ସମେତ ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କୁ ସୁନ୍ଦରଗଡ ସର୍କିଟ ହାଉସ୍ ଠାରେ ବିଧାୟିକା ଟେଟେ ସମ୍ବର୍ଦ୍ଧନା ଜଣାଇଥିଲେ। ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ, ବରିଷ୍ଠ ନେତା ରଞ୍ଜନ ପଟେଲ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ।

## ଯୋରରେ ଫଶି ରହିଛି ହାତୀ ଶାବକ

**ଲୋଇସିଂହା, ୭।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଆଗଲପୁର ବ୍ଲକ ଗଣ୍ଡାପାଲି ଗାଁ ନିକଟ ଯୋରରେ ଏକ ହାତୀ ଶାବକ ଫଶି ରହିଛି। ହାତୀ ଶାବକକୁ ସୁରକ୍ଷା ଦେବା ସହ ସୁରକ୍ଷିତ ଭାବେ ତା ଗୋଷ୍ଠୀରେ ଛାଡି ଦେବା ପାଇଁ ଲୋଇସିଂହା ଓ ପଡୋଶୀ ବରଗଡ ଜିଲା ଘେସ ରେଞ୍ଜର କର୍ମଚାରୀ ରବିବାର ଉଦ୍ୟମ ଚଳାଇଛନ୍ତି। ବନ ବିଭାଗ ସୂଚନା ଅନୁଯାୟୀ, ଘେସ ରେଞ୍ଜ ଅଞ୍ଚଳରେ ୨ଟି ଶାବକ ସହ ୪ଟି ହାତୀ ରହିଛନ୍ତି। ଶନିବାର ସନ୍ଧ୍ୟାରେ ଉକ୍ତ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଆଗଲପୁର ବ୍ଲକ ଗଣ୍ଡପାଲି ଅଞ୍ଚଳକୁ ପଶି ଆସିଥିଲେ। କୌଣସି କାରଣବଶତଃ ପ୍ରାୟ ୧ ବର୍ଷ ବୟସର ଉକ୍ତ ହାତୀ ଛୁଆଟି ଉକ୍ତ ଯୋରରେ ଫଶି ରହିଥିବା ଅନୁମାନ କରାଯାଉଛି। ରବିବାର ସକାଳେ ଯୋରରେ ହାତୀ ଶାବକ ଏକୁଟିଆ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇ ସ୍ଥାନୀୟ ବନ ବିଭାଗକୁ ଜଣାଇଥିଲେ ।


ଯୋରରେ ଫଶି ରହିଥିବା ହାତୀଛୁଆ।

## ଚାଷୀ ଆନ୍ଦୋଳନକୁ କଂଗ୍ରେସ, କୋସଲ ରାଜ୍ୟ ସମନ୍ୱୟ ସମିତିର ସମର୍ଥନ

**ବଲାଙ୍ଗୀର ଅଫିସ, ୭।୧୨**

ଡିସେମ୍ବର ୮ ଦେଶବ୍ୟାପୀ ମହାବନ୍ଦ ଡାକରାକୁ ସଫଳ କରିବା ପାଇଁ ବଲାଙ୍ଗୀର ଜିଲା କୃଷକ ମହାସଂଘ, ଜୟ କିଷାନ୍ ଆନ୍ଦୋଳନ, ଜିଲା କୃଷି ସଙ୍ଗଠନ ଜୋରଦାର ପ୍ରସ୍ତୁତି କରିଛି । ଏହି ମହାବନ୍ଦକୁ କଂଗ୍ରେସ ଏବଂ କୋସଲ ରାଜ୍ୟ ସମନ୍ୱୟ ସମିତି ସମର୍ଥନ ଘୋଷଣା କରିଛି। ବଲାଙ୍ଗୀର ଜିଲାର ସମସ୍ତ ମୁଖ୍ୟ ଓ ଆଭ୍ୟନ୍ତରୀଣ ରାସ୍ତାକୁ ଅବରୋଧ କରାଯିବ ବୋଲି କୁହାଯାଇଛି। ଜିଲା କୃଷକ ମହାସଂଘ ସଭାପତି ସୁଧୀର କୁମାର ପରିଚ୍ଛା କହିଛନ୍ତି ଯେ, ସକାଳେ ବଲାଙ୍ଗୀର ସହରରେ ଏକ ବାଇକ ରାଲି ସହ ପିକେଟିଂ କରାଯିବ। ଜୟ କିଷାନ ଆନ୍ଦୋଳନ ଆବାହକ ସତ୍ୟ ବନ୍‌ଛୋର ବଲାଙ୍ଗୀର, ବେଲପଡା, ପାଟଣାଗଡଠାରେ ବନ୍ଦ ପାଳନ କରାଯିବ ବୋଲି କହିଛନ୍ତି । ଜିଲା କୃଷକ ସଙ୍ଗଠନ ସଭାପତି ଅରୁଣ ମିଶ୍ର ଚାଷୀ ଆନ୍ଦୋଳନକୁ ସମର୍ଥନ ଦିଆଯିବ ବୋଲି କହିଛନ୍ତି। ଚାଷୀ ଆନ୍ଦୋଳନକୁ କଂଗ୍ରେସ ଦଳ ସମ୍ପୂର୍ଣ୍ଣ ସମର୍ଥନ କରିବ ବୋଲି ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା କହିଛନ୍ତି। କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର ଆନ୍ଦୋଳନକୁ ନୈତିକ ସମର୍ଥନ ଘୋଷଣା କରିଛନ୍ତି।



ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୮ ଡିସେମ୍ବର, ୨୦୨୦

## ସରପଞ୍ଚଙ୍କ ଜାମିନ ଆବେଦନ ଶୁଣାଣି ପୁଣି ଘୁଞ୍ଚିଲା

ଭବାନୀପାଟଣା, (ଡି.ଏନ.ଏ.): କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ସାଲେପାଲିର ଜଣେ ଅନୁସୂଚୀତ ଜାତି ଯୁବତୀଙ୍କୁ ଆବାସ ଗୃହ ଯୋଗାଇ ଦେବା ପ୍ରତିବଦଳରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବା ଘଟଣାରେ ଗିରଫ ସରପଞ୍ଚ ରମେଶ ଚନ୍ଦ୍ର ସାହୁ ଏବେ ଜେଲରେ ଅଛନ୍ତି। ଆସନ୍ତା ଡିସେମ୍ବର ୯ ତାରିଖକୁ ତାଙ୍କର ଜାମିନ ଶୁଣାଣି ପାଇଁ ଘୁଞ୍ଚିଛି। ପ୍ରକାଶ ଯେ, ମଦନପୁର ରାମପୁର ବ୍ଲକର ସାଲେପାଲି ପଞ୍ଚାୟତ କଛାରପାଲି ଗ୍ରାମର ସରପଞ୍ଚ ସାହୁଙ୍କ ଜାମିନ ଆବେଦନ ଶୁଣାଣି ଡେସେମ୍ବର ୨ ତାରିଖକୁ ଘୁଞ୍ଚିଥିଲା। ଡିସେମ୍ବର ୨ ତାରିଖରେ କୋର୍ଟ ଜାମିନ ଆବେଦନ ଶୁଣାଣି ପୁଣି ଆସନ୍ତା ୯ ତାରିଖକୁ ଘୁଞ୍ଚାଇଛନ୍ତି।



## ସଂକ୍ଷେପରେ

### ୪.୭୨ ଲକ୍ଷ ଟଙ୍କାର କାଠ ଜବତ, ଜଣେ ଗିରଫ

ଭବାନୀପାଟଣା, ୭।୧୨ (ଡି.ଏନ.ଏ.): ଭବାନୀପାଟଣା ପୁରୁଣାପଡା (ତଳପଡା)ରେ ରବିବାର ବନ ବିଭାଗ ଚଢାଉ କରି ୪ ଲକ୍ଷ ୭୨ ହଜାର ଟଙ୍କାର ମୂଲ୍ୟବାନ ଚୋରା କାଠ ଜବତ କରିଛି। ଏହି ମାମଲାରେ ବନ ବିଭାଗ ଅର୍ଜୁନ ସ୍ୱାଇଁ (୫୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଉତ୍ତର ବନଖଣ୍ଡ ଡିଏଫ୍ଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ଧୀମାନ୍ ଚକ୍ମାଙ୍କ ନେତୃତ୍ୱରେ ତଳପଡାଠାରେ ଚଢାଉ କରି ୩୮୬ ଖଣ୍ଡ ସାଇଜ ଶାଳ କାଠ ଓ ୨୬୧ଟି କାଠ ପଟା ଜବତ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୪ ଲକ୍ଷ ୭୨ ହଜାର ଟଙ୍କା ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଢାଉରେ ରେଞ୍ଜର ଚକ୍ମାଙ୍କ ସହିତ ଏସିଏଫ୍ ଏମ୍ଆର୍ କାଲୋ, ଏସିଏଫ୍ ଜିତେନ୍ଦ୍ର ସାହୁ, ଡେପୁଟି ରେଞ୍ଜର ନୃତ୍ୟରାଜ ମାଝି, ଫରେଷ୍ଟର ଉମ୍ବରୁଧର ପ୍ରଧାନ, ଫରେଷ୍ଟର ଲୋକା ପୋଢ, ଫରେଷ୍ଟର ପଦ୍ମନାଭ କୁମ୍ଭାର, ଫରେଷ୍ଟର ରତ୍ନାକର ଧରୁଆ ଙ୍କ ସହ ବହୁ ବନ କର୍ମଚାରୀ ସାମିଲ ଥିଲେ।

### ଚୋରି କରି ଜଣେ ଗିରଫ

ତରବୋଡ, ୭।୧୨ (ଡି.ଏନ.ଏ.): ସ୍ଥାନୀୟ ମନ୍ଦିରପଡାର ଏକ କିରାନା ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସଦର ପୋଲିସ ଜୋଙ୍କ ଥାନା ଖରିଆର ରୋଡ ସହର ଖୋପେତରା ଗାଁର ସୟଦ ସବିର ଅଲ୍ଲି (୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୪ ତାରିଖ ରାତିରେ ସ୍ଥାନୀୟ ମନ୍ଦିରପଡାସ୍ଥିତ ଶାଶ୍ୱତ ପତିଙ୍କ କିରାନା ଦୋକାନରୁ ଚୋରି ହୋଇଥିଲା। ରବିବାର ସକାଳେ ଶାଶ୍ୱତ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ବସଷ୍ଟାଣ୍ଡରେ ଜଣେ ଯୁବକ ସନ୍ଦିଗ୍ଧ ଅବସ୍ଥାରେ କିଛି ସାମଗ୍ରୀ ଧରିଥିବା ପୋଲିସ ଦେଖିବାକୁ ପାଇଥିଲା। ତାଙ୍କୁ ପଚରାଉଚୁରା କରି ତଦନ୍ତ ଆରମ୍ଭ କରିଥିଲା। ଚୋରି ଅଭିଯୋଗରେ ଖରିଆର ରୋଡ ସହରର ଖୋପେତରା ଗାଁର ସୟଦଙ୍କୁ ଗିରଫ କରିଥିଲା। ତାଠାରୁ ବହୁ କିରାନା ସାମଗ୍ରୀ ଓ ଷ୍ଟେସନାରୀ ସାମଗ୍ରୀ ଜବତ କରିଥିଲେ।

### ପ୍ରାଣୀଧନ ସହାୟକ କେନ୍ଦ୍ର କାର୍ଯ୍ୟକ୍ଷମ ହେଉନି

ଜହ୍ନାପଙ୍କ,୭।୧୨(ଡି.ଏନ.ଏ.): ବୌଦ୍ଧ ବ୍ଲକ ତେଲିବନ୍ଧଠାରେ ପ୍ରାଣୀଧନ ସହାୟକ କେନ୍ଦ୍ର ଖୋଲିବା ପାଇଁ ଦୀର୍ଘ ୫ ବର୍ଷ ହେବ ଗୃହ ନିର୍ମାଣ ହୋଇ ଉଦ୍‌ଘାଟନ ସରିଛି। ୨୦୧୫ ଡିସେମ୍ବରରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ଅମାତ୍ ଏହାକୁ ଉଦ୍‌ଘାଟନ କରିଥିଲେ। କିନ୍ତୁ ଅଦ୍ୟାବଧି ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ତେଲିବନ୍ଧ ପଞ୍ଚାୟତର ରାମପୁର, ସୁବର୍ଣ୍ଣପୁର, କୋଡିଆତୋଳା, କମଳପୁର, ତୁଳସୀପୁର, ଧୁଡୁରୁବାହାଲ ଆଦି ୧୦ଟି ଗାଁର ଲୋକଙ୍କୁ ଗୋରୁ ଗାଈ, ମଇଁଷି, ଛେଳି, ମେଣ୍ଢା, ବତକ, କୁକୁଡା ପ୍ରଭୃତି ପ୍ରାଣୀଙ୍କ ଚିକିତ୍ସା ପାଇଁ ୫ରୁ ୧୦କିମି ଦୂର ଜହ୍ନାପଙ୍କ ପ୍ରାଣୀ ସହାୟକ କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। ଏଥିଯୋଗୁ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ସମୟ ଅପଚୟ ହେଉଛି। ଖବର ଅନୁଯାୟୀ ଜହ୍ନାପଙ୍କ ପ୍ରାଣୀଧନ ସହାୟକ କେନ୍ଦ୍ରର ପ୍ରାଣୀ ନିରୀକ୍ଷକଙ୍କୁ ତେଲିବନ୍ଧ ଦାୟିତ୍ୱ ମଧ ଦିଆଯାଇଛି। କିନ୍ତୁ ସେ ଏଠାକୁ ଆସୁ ନ ଥିବାରୁ ପଶୁପାଳକମାନେ ଅସୁବିଧା ଭୋଗୁଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତେଲିବନ୍ଧ ସହାୟକ କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଆୟୁର୍ବେଦରତ୍ନ ପୂର୍ଣ୍ଣଚନ୍ଦ୍ର ଦଳବେହେରାଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୭।୧୨: ବଲାଙ୍ଗୀର କଚେରି ଛକଠାରେ ଓଁକାର ଔଷଧାଳୟର ସ୍ୱତ୍ୱାଧିକାରୀ ଆୟୁର୍ବେଦରତ୍ନ ଡା. ପୂର୍ଣ୍ଣଚନ୍ଦ୍ର ଦଳବେହେରା (୫୨)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ରବିବାର ଅପରାହ୍ଣରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ



ମୃତ ଘୋଷଣା କରିଥିଲେ। ଜଣେ ପ୍ରତିଷ୍ଠିତ ଆୟୁର୍ବେଦିକ ଔଷଧ ବିକ୍ରେତାଭାବେ ତାଙ୍କର ସୁନାମ ରହିଥିଲା। ମେଣ୍ଡା ଗାଁରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବଲାଙ୍ଗୀର ସହର ବ୍ୟବସାୟୀ ମହଲରେ ଶୋକପ୍ରକାଶ ପାଇଛି।

# ଧାନ ବିକି ନ ପାରି ଚାଷୀ ଦହଗଞ୍ଜ

ବରଗଡ଼ ଅଫିସ୍,୭।୧୨



ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରବିବାର ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅମଠି ମଣ୍ଡି ପରିଦର୍ଶନ କରୁଛନ୍ତି ।

- ଟୋକନ କଟକଣା ଯୋଗୁ ଚାଷୀ ହଟହଟା
- ଶ୍ରମିକଙ୍କୁ ଦେଇ ପାରୁ ନାହାନ୍ତି ମଜୁରି
- ମଣ୍ଡି ବଦଳରେ ମିଲ୍‌କୁ ଯାଉଛି ଧାନ
- ଯୋଗାଣ ଅଧିକାରୀଙ୍କ ମଣ୍ଡି ପରିଦର୍ଶନ

ବରଗଡ଼ ଜିଲାରେ ନଭେମ୍ବର ୯ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଧାନ କିଣାବିକାରେ ଏବେ ମଧ୍ୟ ଅବ୍ୟବସ୍ଥା ଜାରି ରହିଛି। ଅମଳ କରିସାରିଥିଲେ ସୁଦ୍ଧା ଅନେକ ଚାଷୀ ସେମାନଙ୍କ ଧାନ ବିକ୍ରି କରି ପାରିନାହାନ୍ତି। ଫଳରେ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେବାରେ ଚାଷୀମାନଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡ଼ିଛି। ଚାଷୀ ଖରିଫ ଫସଲ ପାଇଁ କରିଥିବା ଧାର, କରଜ ପରିଶୋଧ କରି ପାରୁନାହିଁ କିମ୍ବା ଆସନ୍ତା ରବି ଫସଲ ପାଇଁ ପ୍ରସ୍ତୁତ ହୋଇପାରୁ ନାହିଁ। ଟୋକନ କଟକଣା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଯେଉଁ ଚାଷୀଙ୍କ ଟୋକନରେ ଧାନ ବିକ୍ରି ପାଇଁ ଦିବସ ନିର୍ଦ୍ଧାରିତ ହୋଇଛି ସେମାନଙ୍କ ଅମଳ ସରିନାହିଁ। ଅଥଚ ଅମଳ କରିସାରିଥିବା ଚାଷୀ ଟୋକନରେ ବିକ୍ରିଧାନ ପାଇଁ ଧାର୍ଯ୍ୟ ଦିବସ ବହୁ ବିଳମ୍ବରେ ରହିଛି। ଟୋକନ କଟକଣାରେ ଏଭଳି ଦୂରଦୃଷ୍ଟିହୀନତା ଯୋଗୁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଅତାବିରା, ଗୋଡ଼ଭଗା ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧିନରେ ମଣ୍ଡିଗୁଡ଼ିକ ଖୋଲଯାଇଛି। ଧାନକ୍ରୟ କେନ୍ଦ୍ରଗୁଡ଼ିକରେ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଯୋଗାଣ ନିଗମ ଧାନ କିଣୁଛି। ଜିଲାରେ ଏଥର ୪୪ଲକ୍ଷ ୭୫ହଜାର କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ରହିଛି। ତେବେ ରବିବାର ସୁଦ୍ଧା ୨୬ଲକ୍ଷ ୧୦ହଜାର ୩୧୫ କୁଇଣ୍ଟାଲ ଧାନ କ୍ରୟ ହୋଇ ସାରିଥିବା ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ କହିଛନ୍ତି। ଅନ୍ୟପକ୍ଷେ ଆହୁରି ବହୁ ପରିମାଣରେ ଧାନ ବିକ୍ରି ଅପେକ୍ଷାରେ କ୍ଷେତ, ଖଳାରେ ପଡ଼ି ରହିଛି।

ଅତାବିରାର ଚାଷୀନେତା ରବିନ୍ଦ୍ର ବିଶି କହିଛନ୍ତି, ଚିରାଚରିତ ଢ଼ଙ୍ଗରେ ଧାନ କିଣାବିକା ଚାଲିଛି। ମଣ୍ଡିରେ ଯେତିକି ଧାନ ଉଠାଯାଉଛି, ତାହାଠାରୁ ଅଧିକ ଧାନ ଫଲ୍ସ ଏଣ୍ଟ୍ରି ତଥା ସ୍ଲିପ୍ କାଟି କିଣାଯାଉଛି। ଅନେକ ମଣ୍ଡିରେ ଆଲଟମେଣ୍ଟ ମିଳିଥିଲେ ସୁଦ୍ଧା ସମ୍ପୃକ୍ତ ମିଲର୍ସମାନେ ସେଠାକୁ ଧାନ ଉଠାଇବାକୁ ଯାଉନାହାନ୍ତି। ମାତ୍ର ବେପାରୀ ମାଧ୍ୟମରେ କ୍ରୟଧାନକୁ ସିଧାସଳଖ କେତେକ ରାଇସ୍ ମିଲକୁ ନିଆଯାଉଛି। କାଗଜ କଲମରେ କେବଳ ଧାନ ସଂଗ୍ରହ ପ୍ରକ୍ରିୟା ସୀମିତ ରହିଛି ଏବଂ ଚାଷୀଙ୍କ ଦୁଃଖ ବଢ଼ି ଚାଲିଛି ବୋଲି ବିଶି କହିଛନ୍ତି। ସେହିପରି ସରକଣ୍ଡା ଗ୍ରାମର ଚାଷୀନେତା ହର ବଣିଆ କହିଛନ୍ତି ଯାହାଙ୍କ ଧାନ ଅମଳ ହୋଇ ସାରିଛି ସେମାନଙ୍କୁ ମିଳିଥିବା ଟୋକନର ଧାର୍ଯ୍ୟ ଦିବସ ଆସିନାହିଁ। ଯେଉଁମାନଙ୍କ ଟୋକନରେ ଧାନବିକ୍ରି ପାଇଁ ନିର୍ଦ୍ଧାରିତ ଦିବସ ଆସିଛି, ସେମାନଙ୍କ ଧାନ ଅମଳ ହୋଇନାହିଁ । ଏପରିକି ସେ ୩୦୦ ପ୍ୟାକେଟ୍ ଧାନ ଗତ ନଭେମ୍ବର ମାସରୁ ଅମଳ କରି ସାରିଛନ୍ତି ଏବଂ ତାଙ୍କ ଧାନବିକ୍ରି ଦିବସ ଡିସେମ୍ବର ୨୪ରେ ଅଛି ବୋଲି ବଣିଆ କହିଛନ୍ତି। ତାଙ୍କ ଭଳି ଅନେକ ଚାଷୀ ଏଭଳି ଅସୁବିଧାରେ ଅଛନ୍ତି ବୋଲି ସେ କହିଛନ୍ତି।

ଚାଷୀ ଲକ୍ଷ୍ମଣ ପ୍ରଧାନ କହିଛନ୍ତି ଯେ, ସେ ୪ଏକର ଧାନ ଚାଷ କରିଥିଲେ। ପ୍ରାୟ ଶହେ କୁଇଣ୍ଟାଲ ଅମଳ ହୋଇଛି। କିନ୍ତୁ ତାଙ୍କ ଟୋକନରେ ମାତ୍ର ୪୦କୁଇଣ୍ଟାଲ ଧାନ ବିକ୍ରି ପାଇଁ ଡିସେମ୍ବର ୧୫ତାରିଖ ନିର୍ଦ୍ଧାରିତ ହୋଇଛି। ଫଳରେ ମଜୁରୀ, ସାର, କୀଟନାଶକ ଦେୟ ତଥା ଘରର ଆନୁସଙ୍ଗିକ କାର୍ଯ୍ୟ ତୁଲାଇବାରେ ଅସୁବିଧା ହେଉଛି। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶଙ୍କୁ ପଚାରିବାରୁ ଧାନ କିଣାବିକା ସୁରୁଖୁରୁରେ ଚାଲିଥିବା କହିଛନ୍ତି। ରବିବାର ସେ ପଦ୍ମପୁର ଉପଖଣ୍ଡର ଝାରବନ୍ଧ, ଅମଠି, ଲଉଡ଼ିଦର୍ହା, ଲଖମରା ଆଦି ମଣ୍ଡି ପରିଦର୍ଶନରେ ଯାଇଥିଲେ ଏବଂ ସେଠାରେ ଧାନ କିଣାବିକା ପ୍ରକ୍ରିୟା ଠିକ୍ ରହିଛି। ଏପରିକି ଧାନ କିଣାବିକା ପ୍ରକ୍ରିୟାରେ କିଛି ଅନିୟମିତତା ତାଙ୍କ ଦୃଷ୍ଟିକୁ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶ କହିଛନ୍ତି ।

## କରୋନାରେ ଆଖି ବୁଜିଲେ କଳାହାଣ୍ଡି ଡିଡବ୍ଲ୍ୟୁଓ

ଭବାନୀପାଟଣା, ୭।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) ନନ୍ଦଲାଲ ବିଶ୍ୱାଳ (୪୪)ଙ୍କ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ନୂଆପଡା ଜିଲା ସଦର ବ୍ଲକ ଟାନୱଟ ବାସିନ୍ଦା ବିଶ୍ୱାଳ ପୂର୍ବରୁ ରାୟଗଡା ଡିଡବ୍ଲ୍ୟୁଓ ଭାବେ କାର୍ଯ୍ୟ ତୁଲାଇଥିଲେ। ଗତବର୍ଷ କଳାହାଣ୍ଡି ଡିଡବ୍ଲ୍ୟୁଓ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ନଭେମ୍ବର ୨୫ ତାରିଖରେ ସେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାପରେ ତାଙ୍କୁ କଳାହାଣ୍ଡି ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ୨୬ ତାରିଖରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୫ ତାରିଖ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗତ ୬ ତାରିଖ ଅପରାହ୍ଣରେ ମୃତଦେହ ଧରି ପରିବାର ଲୋକେ ନିଜ ଗାଁ ଟାନୱଟକୁ ଆଣିଛନ୍ତି। ମଙ୍ଗଳବାର ସକାଳେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ସରଳ, ନିଷ୍କପଟ, ମିଷ୍ଟଭାଷୀ, ନିଷ୍ଠାପର ଅଧିକାରୀ ହୋଇଥିବାରୁ କଳାହାଣ୍ଡି ଓ ନୂଆପଡା ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ବିଦ୍ୟୁତ୍ ଗ୍ରୀଡ୍ ଉଦ୍‌ଘାଟନ କଲେ ଶକ୍ତିମନ୍ତ୍ରୀ



ଡେଙ୍ଗାଗୁଡା ବିଦ୍ୟୁତ ଗ୍ରୀଡ଼ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି ।

କୋକସରା, ୭।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ନୂତନ ଅତିରିକ୍ତ ଅଫିସ କୋଠା ସହ ଡେଙ୍ଗାଗୁଡାରେ ନୂତନ ବିଦ୍ୟୁତ୍ ଗ୍ରୀଡ଼କୁ ସୋମବାର ଉଦ୍‌ଘାଟନ କରିଛନ୍ତି ରାଜ୍ୟ ଶକ୍ତିମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର। ଏହି ଅବସରରେ ମନ୍ତ୍ରୀଙ୍କ ସହ ଧର୍ମଗଡ ବିଧାୟକ ମୌଷଧି ବାଗ, ବ୍ଲକ ଅଧ୍ୟକ୍ଷା ଶବ୍ୟାରାଣୀ ବାଗ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କଳାହାଣ୍ଡିର ବିକାଶ ପାଇଁ ସବୁବେଳେ ତତ୍ପର ଦେଖାଇଛନ୍ତି ଓ ଆଗାମୀ ଦିନରେ ମଧ ବିକାଶର ଧାରା ଜାରି ରହିବ ବୋଲି ମନ୍ତ୍ରୀ କହିଥିଲେ। ବ୍ଲକର କାର୍ଯ୍ୟକ୍ରମରେ ସମିତି ସଭ୍ୟ ମାଧୁରୀ ନାଏକ, ଅଶୋକା ନାଏକ, ତ୍ରିଭୁବନ ନାଏକ, ସହକାରୀ ଯନ୍ତ୍ରୀ ତିଲୋତ୍ତମା ମାଝି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକରେ ପ୍ରଥମ କିନ୍ନର କଳ୍ପନାଙ୍କୁ ମନ୍ତ୍ରୀ ଭତ୍ତା ପ୍ରଦାନ କରିଥିଲେ। ଜିପିଓ ନାରାୟଣ ଭୋଇ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ମନ୍ତ୍ରୀ ଡେଙ୍ଗାଗୁଡାକୁ ଯିବା ସମୟରେ ଡେଙ୍ଗାଗୁଡା ମଣ୍ଡିର କେତେକ ଚାଷୀ ତାଙ୍କୁ ଅଟକାଇ ମଣ୍ଡିର ଅବ୍ୟବସ୍ଥା ନେଇ ଜଣାଇଥିଲେ। ମନ୍ତ୍ରୀ ଉପଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଫୋନ କରି ତୁରନ୍ତ ଡେଙ୍ଗାଗୁଡା ମଣ୍ଡିରେ ପଡିଥିବା ଧାନ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଡେଙ୍ଗାଗୁଡା ୩୩/୧୧ ବିଦ୍ୟୁତ ଗ୍ରୀଡ଼କୁ ଉଦ୍‌ଘାଟନ କରିବା ସହ ନୂତନ ଗ୍ରୀଡ଼ର ଶୁଭାରମ୍ଭ କରିଥିଲେ। ଏହି ଗ୍ରୀଡ଼ କାର୍ଯ୍ୟକ୍ଷମ ହେବା ଫଳରେ କୋକସରା ବ୍ଲକର ଉପାନ୍ତ ଅଞ୍ଚଳ ସମେତ ଗ୍ରାମାଞ୍ଚଳରେ ବିଦ୍ୟୁତ ସେବା ପାଇପାରିବେ ବୋଲି ମନ୍ତ୍ରୀ ମିଶ୍ର କହିଥିଲେ। ମହିମା ସରପଞ୍ଚ ଜୟସିଂ ମାଝି, ଟେମରା ସରପଞ୍ଚ ଗୌରୀ ଦଳପତି, ଟେମରା ସମିତି ସଭ୍ୟ ରାଜେନ୍ଦ୍ର ନାଏକ, ବିଦ୍ୟୁତ ବିଭାଗ ଏଇ ଧନଞ୍ଜୟ ରଣା, ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ ଦାସ, ଧର୍ମଗଡ ସହକାରୀ ଯନ୍ତ୍ରୀ ଭଗବାନ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବିଜେଡିର ବରିଷ୍ଠ ନେତା ପର୍ଶୁରାମ ପ୍ରଧାନୀ, ବ୍ଲକ ସଭାପତି ସୁଶାନ୍ତ ବେହେରାଙ୍କ ସମେତ ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

## ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଉଦ୍‌ଘାଟିତ

ତରଭା/ବିନିକା,୭।୧୨(ଡି.ଏନ.ଏ)

ସୋନପୁର ବ୍ଲକ ଅନ୍ତର୍ଗତ ନାଇକେନପାଲି ସିଏଚ୍‌ସି(ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର)ର ନୂତନ କୋଠା ନିକଟରେ ସୋନପୁର ବିଧାୟକ ତଥା ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ୧କୋଟି ୮୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାରେ ଓପିଡି, ଆଇପିଡି ଓ ଲେବର ରୁମ୍ ରହିଛି। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଣ୍ଡା, ଡା. ସଙ୍ଗୀତା ଚୌଧୁରୀ, ସୋନପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ନାଗ, ଜିଲା ପରିଷଦ ସଭ୍ୟ ସରୋଜ କର୍ମ, ନାରାୟଣପୁର ସରପଞ୍ଚ ଗୁରୁବାରୀ ସାହୁ, ସମିତି ସଭ୍ୟ ଉପେନ୍ଦ୍ର ସାହୁ ଓ ଆନନ୍ଦ ବିହାରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ଅମରପାଲି, ୭।୧୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁରସ୍ଥିତ ସରକାରୀ ୟୁପି ସ୍କୁଲରେ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନେଇ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁବିଣା ମିଶ୍ର ଓ ସିଆରସିସି ଭାବଗ୍ରାହୀ ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ରଘୁନାଥ ଖଣ୍ଡାୟତ ଅଧକ୍ଷତା କରିଥିବା ବେଳେ ଗିରିଜା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମେଘନାଦ ଭୋଇ ଧନ୍ୟବାଦ ଦେଇଥିଲେ।

## ଚୂଳାଭାଟରେ ମଣ୍ଡି ଖୋଲିବାକୁ ଜିଲାପାଳଙ୍କୁ ଫେରାଦ

ତରବୋଡ, ୭।୧୨ (ଡି.ଏନ.ଏ.)

ନୂଆପଡା ଜିଲା ସଦର ବ୍ଲକ ଚୂଳାଭାଟ ଗ୍ରାମପଞ୍ଚାୟତରେ ଧାନ ମଣ୍ଡି ଖୋଲିବା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ହେବ ଚୂଳାଭାଟ ପଞ୍ଚାୟତବାସୀ ଏଠାରେ ଧାନ ମଣ୍ଡି ଖୋଲିବାକୁ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଅନେକ ଥର ଲିଖିତ ଭାବେ ଜଣାଇଥିଲେ। କୌଣସି ସୁଫଳ ନ ମିଳିବାରୁ ଧରବନ୍ଧା ସୋସାଇଟି (ଏସସିଏସ)ଙ୍କୁ ମଧ ଲିଖିତ ଭାବେ ଜଣାଇଥିଲେ। ଆଜି ପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲା ଯାଇନାହିଁ। ଫଳରେ ଚାଷୀମାନେ କମ ଦରରେ ବିକିବା ପାଇଁ ବାଧ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତୁରନ୍ତ ଚୂଳାଭାଟ ମଣ୍ଡି ଖୋଲିବା ପାଇଁ ସୋମବାର ଜିଲାପାଳଙ୍କ ଅଫିସ ଆସି ଦାବି କରିଛନ୍ତି। ଏହି ସମୟରେ ସରପଞ୍ଚ ତିରିଥରାମ ମାଝି, ଜଗଦିଶ ରାଉତ, ଘନରାମ ମାଝି, ବନବାସ ରାଉତ, ଅଗସରାମ ରାଉତ, ଗୋପି ମାଝି, ନରୋତ୍ତମ ରାଉତ, ସୁଶାନ୍ତ ସାହୁ, ଜୟ ବାରିକ, କାନ୍ତିବାଇ ମାଝି, ନିଳାପାବାଇ ରାଉତ, ଫୁଲେଶ୍ରୀବାଇ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

## ଗୃହରକ୍ଷୀ ବାହିନୀର ପ୍ରତିଷ୍ଠା ଦିବସ

ସୋନପୁର/ଭବାନୀପାଟଣା,୭।୧୨(ନି.ପ୍ର.)





ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଗୃହରକ୍ଷୀ ସଞ୍ଜୀବ ସାହୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ଲାଇନ ପଡିଆରେ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଲିସ ପତାକା ଉତ୍ତୋଳନ ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱାରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୃହରକ୍ଷୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତାକୁ ଏସ୍‌ପି ଦାଶ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଡିଏସ୍‌ପି ସତ୍ୟଜିତ୍ ମିଶ୍ର, ହେମସାଗର ନନ୍ଦ, ସୋନପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଭାରପ୍ରାପ୍ତ ରିଜର୍ଭ ଇନ୍ସପେକ୍ଟର ହୋମ୍ ଗାର୍ଡ ବିଶ୍ୱନାଥ ଜେନା ଉପସ୍ଥିତ ଥିଲେ । ଉଲୁଣ୍ଡା ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ସଞ୍ଜୀବ ସାହୁ ଓ ସୁନୀଲ ପୁରୋହିତଙ୍କୁ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ ।

ସେହିପରି ଭବାନୀପାଟଣା ପୋଲିସ ପଡିଆଠାରେ ଆୟୋଜିତ ଜିଲାସ୍ତରୀୟ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ସଭାରେ ଏସ୍‌ପି ବି.ଗଙ୍ଗାଧର ହୋମ୍‌ଗାର୍ଡଙ୍କ ନିସ୍ୱାର୍ଥପର ସେବା ଓ ଅପୂର୍ବ ସାହସର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ୩୦ରୁ ଉର୍ଦ୍ଧ୍ୱ ଗ୍ରାମରକ୍ଷୀଙ୍କୁ ଏସ୍‌ପି ପୁରସ୍କୃତ କରିଥିଲେ। କେସିଙ୍ଗା ଏସ୍‌ଡିପିଓ ଏସ୍.ସୁଣ୍ଡୀ, ଡିଏସ୍‌ପି ଭି.ଏସ୍.ଏସ୍. ରାଓ, ସଦର ଡିଏସ୍‌ପି ରମେଶଚନ୍ଦ୍ର ସେଠୀ, ଡିଆଇବି ଡିଏସ୍‌ପି ଜି.ଏସ୍. ଭୋଇ, ସର୍ଜେଣ୍ଟ ନୀଳକଣ୍ଠ କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରୁ ମୃତଦେହ ଉଦ୍ଧାର

ଲହୁଣୀପଡା, ୭।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କେନାପାଲି ଗ୍ରାମ ପୋଖରୀରେ ଭାସୁଥିବା ଏକ ମୃତଦେହକୁ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୋମବାର ସକାଳେ ଗ୍ରାମର କେତେକ ଲୋକ ଗାଧୋଇବା ପାଇଁ ପୋଖରୀକୁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖିଥିଲେ। ମୃତକ ହେଲେ ଗାଁର ପରମେଶ୍ୱର ପାତ୍ର(୪୭)। ପୋଖରୀ ହୁଡ଼ାରେ ଥିବା ତାଙ୍କ ପ୍ୟାଣ୍ଟ, ଚପଲ, ଜ୍ୟାକେଟକୁ ପୋଲିସ ଜବତ କରିଛି।

## ବାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥଗିତ

ଦେବଗଡ଼, ୭।୧୨(ଡି.ଏନ.ଏ.)

ରବିବାର ସନ୍ଧ୍ୟାରେ ବାମଣ୍ଡା କ୍ରିକେଟ କ୍ଲବର ଏକ ବୈଠକ କ୍ଲବର ସଭାପତି ତଥା ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ୧୯୯୦ ମସିହାରୁ ଅନୁଷ୍ଠିତ ହୋଇ ଆସୁଥିବା ବାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ତଥା ୩୧ ତମ ବାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ୨୦୨୦ ବର୍ଷର ବାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ କରୋନା ସଂକ୍ରମଣ ପାଇଁ ସ୍ଥଗିତ ରଖାଗଲା। ଆଗାମୀ ଦିନରେ କରୋନା ସଂକ୍ରମଣ ତଥା ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ପ୍ରତିବର୍ଷ ଡିସେମ୍ବର ୩୦ରେ ହେଉଥିବା ବାମଣ୍ଡା କପ ଫାଇନାଲ ଦିନକୁ ସ୍ମରଣ କରିବା ପାଇଁ ଡିସେମ୍ବର ୩୦ତାରିଖରେ ଏକ ରକ୍ତଦାନ ଶିବିର ଆୟୋଜନ କରିବାକୁ ସ୍ଥିରିକୃତ କରାଯାଇଛି। ଉକ୍ତ ରକ୍ତଦାନ ଶିବିରରେ କ୍ଲବର ସମସ୍ତ ସଦସ୍ୟ, ଖେଳାଳି ତଥା ଶୁଭେଚ୍ଛୁମାନେ ଯୋଗଦେବାକୁ ଅନୁରୋଧ କରାଯାଇଛି। ବୈଠକରେ କ୍ଲବର ସମ୍ପାଦକ ସୁଜିତ ପ୍ରଧାନ, ନବୀନ ପାଣି, ଉପ ସଭାପତି ଅଶୋକ ନନ୍ଦ ଏବଂ ସତ୍ୟନାରାୟଣ ପାଣି, କୋଷାଧକ୍ଷ ମୋତିଲାଲ ଶର୍ମା,ବସନ୍ତ ବେହେରା,ସୁଶୀଲ ନାୟକ, ଜୟନ୍ତ ସାହୁ, ପ୍ରଶାନ୍ତ ଦେବତା, ସନ୍ତୋଷ ଦେବତା, ଦୁର୍ଯ୍ୟୋଧନ ବିଶ୍ୱାଳ, ହରେକୃଷ୍ଣ ସାହୁ, ପ୍ରଫୁଲ୍ଲ ନାୟକ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦୂର ହେବ ୯ ପଞ୍ଚାୟତବାସୀଙ୍କ ଜଳକଷ୍ଟ

ସମ୍ବଲପୁର,୭।୧୨(ବ୍ୟୁରୋ)



ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ।

**ରେଢ଼ାଖୋଲରେ ମେଗା ପାନୀୟଜଳ ପ୍ରକଳ୍ପ**
- ୯୪ କୋଟି ବ୍ୟୟ ଅଟକଳରେ ନିର୍ମାଣ ଆରମ୍ଭ
- ୨୦୨୧ ଡିସେମ୍ବର ସୁଦ୍ଧା ହେବ ଲୋକାର୍ପଣ

ସମ୍ବଲପୁର ଜିଲା ଗ୍ରାମ୍ୟ ପାନୀୟଜଳ ବିଭାଗ ପକ୍ଷରୁ ରେଢ଼ାଖୋଲ ବ୍ଲକରେ ଏକ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ରେଢ଼ାଖୋଲ ବ୍ଲକର ୯ ପଞ୍ଚାୟତବାସୀଙ୍କ ଜଳକଷ୍ଟ ଦୂର ହେବ। ୨୪ ଘଣ୍ଟିଆ ପାଣି ଯୋଗାଣ ଲକ୍ଷ୍ୟରେ ପ୍ରକଳ୍ପ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁରହିଛି।

ରେଢ଼ାଖୋଲ ବ୍ଲକର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ନେଇ ଅଞ୍ଚଳବାସୀ ଅଭିଯୋଗ କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ଏକ ମେଗା ପ୍ରକଳ୍ପ ନିର୍ମାଣ ପାଇଁ ରେଢ଼ାଖୋଲ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ସରକାରଙ୍କୁ ଅନୁରୋଧ କରିଥିଲେ। ଜିଲା ଗ୍ରାମ୍ୟ ପାନୀୟଜଳ ବିଭାଗ ପକ୍ଷରୁ କିଭଳି ଲୋକଙ୍କୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯିବ, ସେ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆର୍ଥିକବର୍ଷ ୨୦୨୦-୨୧ରେ ଏହି ମେଗା ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ପ୍ରାୟ ୯୬ କୋଟି ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏପ୍ରିଲରୁ ଭୋଲ୍‌ଟାସ୍ (ଟାଟା) କମ୍ପାନୀ କାମ କରିବାକୁ ଚୁକ୍ତି କରିଛି। ଏପ୍ରିଲରୁ ଚୁକ୍ତି ହୋଇଥିବା ବେଳେ ଲକ୍‌ଡାଉନ ଯୋଗୁ କାମ ଧିମେଇ ଯାଇଥିଲା। ଏବେ ପାଇପ୍‌ବିଛା, ଟାଙ୍କି ନିର୍ମାଣ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। କିଆକଟା ନିକଟ ମହାନଦୀରୁ ପାଣି ଉଠାଇ ଯୋଗାଇ ଦିଆଯିବ। ମହାନଦୀରୁ ୧୦ କିମି ଦୂର ପାଇପ୍ ଯୋଗେ ପାଣି ଆଣି କଦଳୀଗଡରେ ଏକ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ବିଶୋଧନ କରାଯିବ। ଉକ୍ତ ପ୍ଲାଣ୍ଟର ଦୈନିକ ୬ ମିଲିୟନ ଲିଟର ପାଣି ବିଶୋଧନ କରିବାର କ୍ଷମତା ରହିଛି। ବିଶୋଧନ ପରେ ପାଇପ୍ ଯୋଗେ ପ୍ରତ୍ୟେକ ଘରକୁ ପାଣି ଯୋଗାଇ ଦିଆଯିବ। ରେଢାଖୋଲ ବ୍ଲକର ଲୁହାପଙ୍କ, ବୁର୍ଦା, କଦଳୀଗଡ, ବଡବାହାଲ, ଚାରମାଲ, କୁକୁଡାବାହାଲ, ଭରତପୁର, ବଂସାଜାଳ, ତ୍ରିବେଣୀପୁର ଆଦି ୯ ପଞ୍ଚାୟତକୁ ଏହି ପ୍ରକଳ୍ପରେ ସାମିଲ କରାଯାଇଛି। ୧୧୫ ଗ୍ରାମର ୧୫ ହଜାର ଘରେ ପାଣି ଯୋଗାଇ ଦିଆଯିବ। ଏ ସମ୍ପର୍କରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ବି.କେ. ରାଉତରାୟ କହନ୍ତି, ଏପ୍ରିଲରୁ ପ୍ରକଳ୍ପ କାମ ଆରମ୍ଭ ହୋଇଛି। ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ଏହା ଲୋକାର୍ପଣ କରାଯିବାକୁ ଲକ୍ଷ୍ୟ ରହିଛି। ଠିକା ସଂସ୍ଥାକୁ ମଧ ସମୟସୀମା ଭିତରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଲୋକମାନଙ୍କ ପାନୀୟଜଳ ସମସ୍ୟା ଦୂର ହୋଇପାରିବ।

